# Akashvani, Sambalpur

## SAMBALPURI NEWS EVENING BULLETIN

## 22 August 2025- 7.02 pm- 7.12 pm.

*******************************************

୧- ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍‌ର ଭିନ୍ ଭିନ୍ କାମ୍‌ର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

- ଖରାପ୍ କାମ୍ କରୁଥିବା ଠିକାଦାର୍ ଆର୍ ଅଧିକାରୀମାନ୍‌କର୍ ବିରୋଧିଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ଲାଗି ଦେଲେ ନିର୍ଦ୍ଦେଶ୍ ।

୨- ଅଗ୍ନିଶମ ବିଭାଗ୍‌ଥି ସାମିଲ୍ ହେବେ ଅଗ୍ନିଯୋଦ୍ଧା ।

୩- ପୁରୀ ଶ୍ରୀମନ୍ଦିର୍ ନ ଆଏବା ମାସ ୧୫ ତାରିଖ୍ ନୁ ଫେର୍‌ଘାଏ ମୁଲ୍ ହେବା ଧାଡ଼ି ଦର୍ଶନ୍ ବ୍ୟବସ୍ଥା ।

ଆଉର୍

୪- ଲଘୁଚାପ୍ ପ୍ରଭାବ୍‌ଥି ରାଏଜେ ଆଏବା ମଙ୍ଗଲ୍‌ବାର୍‌ତକ୍ ଲାଗି ରହେବା ବର୍ଷା ।

ମୁଖ୍ୟମନ୍ତ୍ରୀ-ଗ୍ରାମ୍ୟ ଉନ୍ନୟନ୍ ବିଭାଗ ସମୀକ୍ଷା I&PR

ରାଏଜେ ଆଏବା ୫ ବଛର୍ ଭିତ୍‌ରେ ୩୦ ହଜାର୍ କିଲୋମିଟର୍ ରାସ୍ତା ତିଆର୍ କରାଯିବାର୍ ସହେତେ ୫ ଶହ ଟା ସେତୁ ତିଆର୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍‌ର କାମ୍‌କାଜ୍‌ର ଅଗ୍ରଗତିର୍ ସମୀକ୍ଷା କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟର୍ ସଡ଼କ୍ ଆଉ ସେତୁ ନିର୍ମାଣ୍ କାମ୍‌ର ଗୁଣବତା ଆଉ ମରାମତି ଦିଗ୍‌କେ ଜୋର୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ପ୍ରଧାନ୍‌ମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାର୍ ରାସ୍ତା ତିଆର୍ କର୍‌ବାର୍‌ଥି ଓଡ଼ିଶା ଦେଶେ ୪ ନମ୍ବର୍ ଠାନେ ରହିଛେ । ଯୋଜ୍‌ନାଥି ଅନୁମୋଦିତ୍ ୭୩ ହଜାର୍ ୯ ଶହ ୮୦ କିଲୋମିଟର୍‌ନୁ ଅଏତ୍‌କା ରାସ୍ତା ଭିତ୍‌ରୁ ଏବ୍‌ତକ୍ ୭୦ ହଜାର୍ ୭ ଶହ ୧୧ କିଲୋମିଟର୍ ରାସ୍ତା ତିଆର୍ କରାଯାଇଛେ । ଆଏବା ଦିନେ ଉନ୍ନତ୍ ରାସ୍ତା କାମ୍ ଲାଗି କଂଟ୍ରାକ୍ଟର୍ ମାନ୍‌କୁ ତାଲିମ୍ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ମାତରକ ଖରାପ୍ କାମ୍ ହେଲେ ସମ୍‌କର୍ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ-କଟକ୍ ଜିଲ୍ଲାପାଳ୍ କାର୍ଯ୍ୟାଳୟ      କଟକ୍

ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ କଟକ୍ ଜିଲ୍ଲାପାଲ୍‌ଙ୍କର୍ ନୂଆଁ କାର୍ଯ୍ୟାଳୟର ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । କଟକ୍ ବିଡ଼ାନାସୀ ମୌଜା ଠାନେ ୯୪ କୋଟି ନୁ ଅଏତ୍‌କା ଟଙ୍କା ଖର୍ଚ୍ଚାଥି ଜିଲ୍ଲାପାଲ୍‌ଙ୍କର୍ ନୂଆଁ କାର୍ଯ୍ୟାଳୟ ତିଆର୍ ହେବା । ଇ କୋଠା ଜିଲ୍ଲାର୍ ପ୍ରଶାସନିକ୍ ବିକାଶ୍‌ଥି ଗୁଟେ ନୂଆଁ ଅଧ୍ୟାୟ ଜୁଡ଼୍‌ବାର୍‌କେ ଯାଉଛେ ବଲି ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ      I&PR

ଭୁବ୍‌ନେଶ୍ୱର୍ ଠାନେ ଆଏବା ୨୫ ତାରିଖ୍ ସୋମ୍‌ବାର୍ ଦିନ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଅଲ୍‌ଗା ଜରୁରୀ କାମ୍ ଥିବାର୍‌ନୁ ମୁଖ୍ୟମନ୍ତ୍ରୀଙ୍କର୍ ଜନଶୁଣାଣିକେ ବନ୍ଦ୍ ରଖାଯାଇଛେ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତରଫୁ ସୂଚ୍‌ନା ଦିଆଯାଇଛେ ।

অগ্নিশম বিভাগ্থি অগ্নিযোদ্ধা       এক্স

অগ্নিশম বিভাগ্থি অগ্নিযোদ্ধা মানে যোগ্ দেবে বলি অগ্নিশম মহানির্দ্দেশক্ সুধাংশু ষড়ঙ্গী কহিছন্ । ই অগ্নিযোদ্ধা মানে অত্যাধুনিক্ জ্ঞান্ কৌশল্র তালিম্ নেইছন্ । লুক্কর্ ধন্ জীবন্র সুরক্ষা দিগে ইমান্কর্ গুরুত্বপূর্ণ অবদান্ রহেবা বলি শ্রী ষড়ঙ্গী কহিছন্ ।

(ভএস্ ওভর- সুধাংশু ষড়ঙ্গী)

রাজস্ব মন্ত্রী-দুর্নীতি অধিকারী          এক্স

দুর্নীতিখোর্ কর্মচারী মান্কু ঠাব্ কর্বার্ লাগি বৈষয়িক জ্ঞান্ কৌশল্র বেভার্ করাযিবা বলি রাজস্ব আউ বিপর্য্যয় পরিচালনা মন্ত্রী সুরেশ্ পূজারী কহিছন্ ।  কেন্সি ভিল্ দুর্নীতিকে নেইকরি সন্দেহ পরিসর্ ন থিবা অধিকারী আউ কর্মচারীমান্কর্ গতিবিধিকে বৈষয়িক জ্ঞান্কৌশল্ জরিএ নজর্ রখাযিবা । ই বাব্দে আলোচনা চালিছে । খোব্ জল্দি কার্য্যকারী করাযিবা বলি মন্ত্রী শ্রী পূজারী কহিছন্ ।

## ଏଚ୍ଆଇଭି ସଚେତନତା- ଶିକ୍ଷାବିଭାଗ୍‌କେ ଚିଠି

ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ସବୁ ମହାବିଦ୍ୟାଲୟ ନ ଏଚ୍ଆଇଭି ଏଡ୍‌ସ୍ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଲାଗି ରେଡ଼୍ ରିବନ୍ କ୍ଲବ୍ ଖୁଲାଯିବା । ଇ ବାବ୍‌ଦେ ସବୁ ସର୍‌କାରୀ, ବେସର୍‌କାରୀ ଆଉ ବୈଷୟିକ ମହାବିଦ୍ୟାଳୟ ମାନ୍‌କୁ ନିର୍ଦ୍ଦେଶ୍‌ନାମା ଜାରି କର୍‌ବାର୍ ଲାଗି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଉଚ୍ଚଶିକ୍ଷା ବିଭାଗ୍‌କେ ଚିଠି କରାଯାଇଛେ । ଚିଠି ଅନ୍‌ସାରେ ଛାତ୍ରଛାତ୍ରୀମାନ୍‌କୁ ନେଇକରି ମହାବିଦ୍ୟାଳୟମାନ୍‌କେ ରେଡ଼୍‌ରିବନ୍ ଗଠନ୍ କରାଯିବା । ଇ କ୍ଲବ୍ ଜରିଏ ଛାତ୍ରଛାତ୍ରୀମାନ୍‌କର୍ ବୟସ୍‌କେ ନଜର୍‌ଥି ରଖିକରି ଏଚ୍ଆଇଭି ବାବ୍‌ଦେ ସୂଚ୍‌ନା ଦିଆଯିବା । ମହାବିଦ୍ୟାଳୟ ପାଖର୍ ଗାଁମାନ୍‌କେ ଭିଲ୍ ଇ କ୍ଲବ୍ ଲୁକ୍‌କୁ ସଚେତନ୍ କର୍‌ବା ବଲି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ କୁହାଯାଇଛେ ।

## ପୁରୀ ଶ୍ରୀମନ୍ଦିର୍-ଧାଡ଼ିଦର୍ଶନ୍

ଆର୍ଏନ୍ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଆଏବା ମାସର୍ ୧୫ ତାରିଖିନୁ ଧାଡ଼ି ଦର୍ଶନ୍ ମୁଲ୍ ହେବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ସେ କହିଛନ୍, ଧାଡ଼ି ଦର୍ଶନ୍ ଲାଗି ମନ୍ଦିର୍

ପ୍ରଶାସନ୍ ପୁରା ତୟାର୍ ରହିଛେ । ଭିଡ଼୍ ଆଏତ୍ ଆଉ ଭକ୍ତମାନ୍‌କର୍ ଭଲ୍ କରି ଦର୍ଶନ୍ ଲାଗି ଧାଡ଼ି ବ୍ୟବସ୍ଥା ସାହାଜ୍ କର୍‌ବା । ଆଏବା ୩ ନୁ ୪ ଦିନ୍ ଭିତ୍‌ରେ ପରିଚାଲନା କମିଟି ଗଠନ୍ କରାଯିବାର୍ ସହେତେ ହୁଣ୍ଡି ସ୍ଥାନାନ୍ତରଣ୍ ଉତ୍‌ରୁ ଧାଡ଼ିଦର୍ଶନ୍ ମୁଲ୍ ହେବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ଶ୍ରୀମନ୍ଦିର- ରଥ ଭଙ୍ଗା          ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍‌ଠାନୁ ରଥ ଭାଙ୍ଗ୍‌ବାର୍ କାମ୍ ମୁଲ୍ ହେଇଛେ । ପହେଲା ଦେବୀ ସୁଭଦ୍ରାଙ୍କର୍ ଦର୍ପଦଲନ ରଥ ଭଙ୍ଗାଯାଇଛେ । ତାର୍ ଉତ୍‌ରୁ ବଡ଼ ଭାଇ ଶ୍ରୀ ବଳଭଦ୍ରଙ୍କର୍ ତାଳଧ୍ୱଜ ଆଉ ଶେଷେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ନନ୍ଦିଘୋଷ ରଥ ଭଙ୍ଗାଯିବା । ଭୋଇ ସର୍ଦ୍ଦାର୍‌ଙ୍କର୍ ନେତୃତ୍ୱଥି ୯ ଝନ୍ ସେବକ ରଥଭଙ୍ଗା କାମ୍‌ଥି ଲାଗିଛନ୍ । ତିନ୍‌ହି ରଥ ପୁରାପୁରି ଭାଙ୍ଗ୍‌ବାର୍ ଲାଗି ୧୨ ନୁ ୧୫ ଦିନ୍ ସମିଆ ଲାଗ୍‌ବା । ରଥକେ ପୁରା ଭାଙ୍ଗ୍‌ଲା ଉତ୍‌ରୁ ତାର୍ ମୁଖ୍ୟ ଭାଗ୍ ମାନ୍‌କୁ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ତିଆର୍ ହେଇଥିବା ମଶାଣି ଚଣ୍ଡି ପାଖର୍ ଗୁଦାମ୍ ଘରେ ରଖାଯିବା ।

ଅନ୍‌ଲାଇନ୍ ଗେମିଂ ବିଧେୟକ୍        ଏକ୍ସ/ ନୂଆପଡ଼ା

ଅନ୍‌ଲାଇନ୍ ଗେମିଂ ପ୍ରସାରଣ୍ ଆଉ ନିୟନ୍ତ୍ରଣ ବିଧେୟକ-୨୦୨୫ ସଂସଦ୍ ନ ଅନୁମୋଦିତ ହେଇସାରିଛେ । ଇ-କ୍ରୀଡ଼ା ଆଉ ଅନ୍‌ଲାଇନ୍ ଖେଲ୍‌କେ ତହଁକାବାର୍ ସହେତେ ଲୁକ୍‌କୁ ବେଆଇନ୍ ଆର୍ଥିକ୍ କାର୍‌ବାର୍‌ନୁ ସୁରକ୍ଷା ଦେବାର୍ ଲାଗି ଇ ବିଧେୟକ୍ କେତ୍‌ନିକେତେ ସାହାଜ୍ କର୍‌ବା । ଇ ବାବ୍‌ଦେ ଗୁଟେ ରିପୋର୍ଟ...

(ଭଏସ୍ ଓଭର-ବିସ୍ମିତା ପଧାନ୍)

*ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନ୍‌ଲାଇନ୍ ଗେମିଂ ବିଧେୟକ୍-୨୦୨୫ ସଂସଦ୍‌ର ଦୁହି ଗୃହ ନ ପାରିତ୍ ହେବାର୍ ଉତ୍‌ରୁ ସାମାଜିକ୍ ଗଣମାଧ୍ୟମ୍  ଜରିଏ କହିଛନ୍, ଇ ବିଧେୟକ୍ ଭାରତ୍‌କେ ଗେମିଂ ନୂଆଁ ସୃଜନ୍ ଆଉ ସୃଜନଶୀଳତାର୍ କେନ୍ଦ୍ର କର୍‌ବାର୍ ଲାଗି ସର୍‌କାର୍‌ଙ୍କର୍ ପ୍ରତିବଦ୍ଧତାକେ ଦର୍ଶଉଛେ । ଇ ବିଧେୟକ୍ ଅନ୍‌ଲାଇନ୍ ଜୁଆ ର କୁପ୍ରଭାବ୍‌ନୁ ସମାଜ୍‌କେ ରକ୍ଷା କର୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଅନ୍‌ଲାଇନ୍ ଗେମିଂ ବିଲ୍-୨୦୨୫ ଭାରତ୍ ନ ପ୍ରତିଯୋଗିତା ମୂଲକ୍ କ୍ରୀଡ଼ାର୍ ଗୁଟେ ବୈଧ ରୂପ୍ ଭାବେ ଇ-ସ୍ପୋର୍ଟସ୍‌କେ ସ୍ୱିକୃତୀ ଦଉଛେ । ଇ ବାବ୍‌ଦେ କ୍ରୀଡ଼ା ମନ୍ତ୍ରଣାଳୟ ମାର୍ଗଦର୍ଶିକା ଆଉ ମାନଦଣ୍ଡ ତିଆର୍ କର୍‌ବା । ଇ-ସ୍ପୋର୍ଟସ୍‌ର ଉନ୍ନତି ଲାଗି ତାଲିମ୍ ଏକାଡେମୀ, ଗବେଷଣାକେନ୍ଦ୍ର ଆଉ ପ୍ରଯୁକ୍ତିବିଦ୍ୟା ପ୍ଲାଟ୍‌ଫର୍ମର୍ ଥାପନା*

କରାଯାଇକରି ପ୍ରୋତ୍ସାହନ୍ ଯୋଜନା, ସଚେତନତା ଅଭିଯାନ୍ ଆଉ ବ୍ୟାପକ୍ କ୍ରୀଡ଼ାନୀତି ପଦକ୍ଷେପ୍ ଉପ୍ରେ ଗୁରୁତ୍ୱ ଦିଆଯିବା । କେନ୍ଦ୍ରସର୍କାର୍‌ଙ୍କୁ ଅନ୍‌ଲାଇନ୍ ସାମାଜିକ୍ ଖେଲ୍‌ମାନ୍‌କୁ ଚିହ୍ନଟ୍, ବର୍ଗୀକରଣ୍ ଆଉ ପଞ୍ଜିକରଣ୍ କର୍‌ବାର୍ କ୍ଷମତା ଦିଆଯାଇଛେ । ଇତାର୍ ଅଧୀନ୍‌ଥି ମନୋରଞ୍ଜନ୍, ଦକ୍ଷତା ବିକାଶ୍ ଆଉ ଡିଜିଟାଲ୍ ସାକ୍ଷରତାଥି ସାମାଜିକ୍ ଖେଲ୍‌ର ସକାରାତ୍ମକ ଭୂମିକା ବାବ୍‌ଦେ ସଚେତନତା କାର୍ଯ୍ୟକ୍ରମ୍ ମାନ୍ କରାଯିବା । ଅନ୍‌ଲାଇନ୍ ଗେମିଂଥି ବେଆଇନ୍ ଆର୍ଥିକ୍ କାର୍‌ବାର୍ ଆଉ ଆଇନ୍ ଉଲ୍ଲଂଘନ୍ କଲେ ୩ ବଛର୍‌ତକ୍ ଜେଲ୍‌ଦଣ୍ଡ ଆଉ ୧ କୋଟି ଟଙ୍କାତକ୍ ଜରିମାନା ବ୍ୟବସ୍ଥା ରହିଛେ ।

ଫି' ବଛର୍ ପାଖାପାଖି ୪୫ କୋଟି ଲୋକ୍ ଅନ୍‌ଲାଇନ୍ ଗେମ୍ ଖେଲିକରି ୨୦ ହଜାର୍ କୋଟିନୁ ଅଏତ୍‌କା ଟଙ୍କା ହରଉଛନ୍ ବଲି ସର୍କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ । ଇସବୁ ଅସୁବିଧା ଲାଗି ଅନ୍‌ଲାଇନ୍ ଗେମିଂ ବିଧେୟକ୍-୨୦୨୫ କେ ସାରାଦେଶୁ ସମର୍ଥନ୍ କରାଯାଉଛେ । ଇ ବିଧେୟକ୍‌କେ ସ୍ୱାଗତ୍ କରିକରି ନୂଆପଡ଼ା ଜିଲ୍ଲାର୍ ବିଶିଷ୍ଟ ସମାଜ୍‌ସେବୀ ଅଜିତ୍ କୁମାର୍ ପଣ୍ଡା କହିଛନ୍...

(ଭଏସ୍ ଓଭର୍- ଅଜିତ୍ କୁମାର୍ ପଣ୍ଡା)

ରାଜ୍ୟ ସଚିବାଳୟ ଅଧିକାରୀ- କଳାହାଣ୍ଡି ହି.ସ.

ରାଜ୍ୟ ସର୍କାର୍ଙ୍କର୍ ନିର୍ଦ୍ଦେଶ୍‌ଥି ଗଲାକାଏଲ୍ ରାଜ୍ୟ ସଚିବାଳୟର୍ ୫୦ ଝନ୍ ଅଧିକାରୀ କଲାହାଣ୍ଡି ଜିଲ୍ଲା ପରିଦର୍ଶନ୍ କରିଛନ୍ । ଜିଲ୍ଲା ପରିଷଦ୍ ସଭାଗୃହ ନ ଅତିରିକ୍ତ ଜିଲ୍ଲାପାଳ୍ ତନ୍ମୟ ଦର୍‌ଓ୍ୱାନ୍ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ନ କାର୍ଯ୍ୟକାରୀ ହେଉଥିବା ଭିନ୍ ଭିନ୍ ଯୋଜ୍ନା, କାର୍ଯ୍ୟକ୍ରମ୍ ଆଉ ଜିଲ୍ଲା ପ୍ରଶାସନ୍ ଆର୍ ବିଭାଗୀୟ ଅଧିକାରୀମାନ୍‌କର୍ ଦାୟିତ୍ୱ ବାବ୍‌ଦେ ଆଲୋଚନା କରାଯାଇଥିଲା । ତାର୍ ଉତ୍‌ରୁ ଭବାନୀପାଟ୍‌ନା ସର୍କିଟ୍ ହାଉସ୍ ଠାନେ ଜିଲ୍ଲାପାଲ୍ ପାଓ୍ୱାର୍ ସଚିନ୍ ପ୍ରକାଶ୍ ସବୁ ଅଧିକାରୀମାନ୍‌କର୍ ସାଙ୍ଗେ ଭିନ୍ ଭିନ୍ ବିଷେଥି ଆଲୋଚନା କରିଥିଲେ ।

ବୌଦ୍ଧ ଜିଲ୍ଲାପାଲ-ସମୀକ୍ଷା ବୈଠକ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ମାଛ୍ ଚାଷ୍‌କେ ତହଁକାବାର୍ ବାବ୍‌ଦେ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲାପାଲ୍ -ମାଛ୍ ଚାଷ୍ ଉପ୍‌ରେ ଜୋର୍ ଦେଇକରି ଚାଷୀମାନ୍‌କୁ ଆହୁରି ତହଁକାବାର୍ ଲାଗି କହିଛନ୍ । ବୌଦ୍ଧ ନ ବହୁତ୍ ବନ୍ଧା ଥିବାର୍‌ନୁ ଚାଷୀମାନେ ମାଛ୍ ଚାଷ୍ କରିକରି କେତ୍‌ନିକେତେ ଲାଭ୍ ପାଇପାର୍‌ବେ ବଲି ଜିଲ୍ଲାପାଲ୍ କହିଛନ୍ । ଇଥିର୍‌ଲାଗି

ଗୋଷ୍ଠୀ ଉନ୍ନୟନ୍ ଅଧିକାରୀମାନେ କ୍ଷେତ୍ର ପ୍ରସ୍ତୁତ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଛନ୍ ।

ଆଧାର୍ ମନିଟରିଂ ବୈଠକ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ଜିଲ୍ଲାସ୍ତରୀୟ ଆଧାର୍ ମନିଟରିଂ କମିଟି ବୈଠକ୍ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ଥି ଜିଲ୍ଲା ଆଉ ବ୍ଲକ୍ ସ୍ତର୍ ନ ଅଏତ୍‌କା ଆଧାର୍ ସଂଶୋଧନ୍ କେନ୍ଦ୍ର ଥାପ୍‌ନା, ଆଧାର୍ ଲିଙ୍କ୍ ଜନମ୍ ପ୍ରମାଣ୍ ପତ୍ର ପ୍ରସ୍ତୁତି, ଭିନ୍ ଭିନ୍ ସର୍‌କାରୀ ଯୋଜ୍‌ନାଥି ହିତାଧିକାରୀମାନ୍‌କର୍ ଆଧାର୍ ସଂଯୋଗ୍, ଠକେଇ ଆଉ ଜାଲିଆତି ନୁ ସୁରକ୍ଷା ଦିଗେ ପଦକ୍ଷେପ୍ ଗ୍ରହଣ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଉ ଅଲ୍‌ଗା ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାର୍‌ନୁ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ହାଲ୍‌କା ନୁ ମଧମ୍ ଧରଣ୍ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ହପ୍ତେତକ୍ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍ ସହେତେ ରାଜ୍ୟର ୧୦ ଟା ଜିଲ୍ଲା ନ ଘଡ଼୍‌ଘଡ଼ି ସାଙ୍ଗେ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।

ସେଆଡ଼େ ଉତର୍ ପଶ୍ଚିମ ବଙ୍ଗୋପସାଗର ଆଉ ତାର୍ ପାଖର୍ ଉତର୍ ଓଡ଼ିଶା ଆଉ ଗାଙ୍ଗେୟ ପଶ୍ଚିମବଙ୍ଗ୍ ଉପ୍‌ରେ ଗୁଟେ ଘୂର୍ଣ୍ଣିବଲୟ ରହିଛେ । ଇତାର୍ ପ୍ରଭାବ୍‌ଥି ସେହି ଜାଗା ନ ଆଏବା ୨୫ ତାରିଖ୍ ବେଲ୍‌କେ ଗୁଟେ ଲଘୁଚାପ୍ କ୍ଷେତ୍ର ବନ୍‌ବାର୍ ସମ୍ଭାବନା ରହିଛେ ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।